# Akashvani, Sambalpur

## SAMBALPURI NEWS EVENING BULLETIN

## 9 March 2026-7.02- 7.12 pm.

---

୧- ସ୍ୱାସ୍ଥ୍ୟକ୍ଷେତ୍ରଥି ଦକ୍ଷତା ଭିତିକ ନିଯୁକ୍ତି ସୁଯୋଗ୍ ତିଆର୍ କର୍‌ବାର୍ ସହେତେ ଗାଁ ଇଲାକା ନ ସ୍ୱାସ୍ଥ୍ୟସେବାକେ କରାଯାଉଛେ ବର୍‌କସ୍ - କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ସବ୍‌କା ସାଥ୍-ସବ୍‌କା ବିକାଶ୍ ଶୀର୍ଷକ୍ ବଜେଟ୍ ଉତ୍‌ତର୍ ୱେବିନାର୍‌କେ କଲେ ସମ୍ବୋଧନ୍ ।

୨- ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍‌ର ପହେଲା ଦିନେ ଗୃହ କାର୍ଯ୍ୟ ସ୍ୱାଭାବିକ୍ ।

୩- ରାଜ୍ୟସଭା ନିର୍ବାଚନ୍ ଲାଗି ଶେଷ୍ ହେଲା ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ ସମିଆ- ଆଏବା ୧୬ ତାରିଖ୍ ହେବା ଭୋଟ୍ ।

ଆଉର୍

୪- ବର୍‌ଗଡ୍ ଆଉ ସମ୍ବଲ୍‌ପୁର୍ ଜିଲ୍ଲା ନ ସଡ଼କ୍ ଦୁର୍ଘଟଣାଥି ୭ ଝନ୍‌କର୍ ଗଲା ଜୀବନ୍ ।

ପ୍ରଧାନ୍‌ମନ୍ତ୍ରୀ- ସବ୍‌କା ସାଥ୍, ସବ୍‌କା ବିକାଶ୍  ଏନ୍‌ଏସ୍‌ଡି

ଦେଶେ ଗଲା କିଛି ବଛର୍ ଭିତ୍‌ରେ ସ୍ୱାସ୍ଥ୍ୟ ଭିତିଭୂମି ଆହୁରି ମଜ୍‌ବୁତ୍ ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀ ଠାନେ 'ସବ୍‌କା ସାଥ୍, ସବ୍‌କା ବିକାଶ୍' ଲୁକଙ୍କର୍ ଆକାଂକ୍ଷା ପୁରା କର୍‌ବାର୍ ଶୀର୍ଷକ୍ ବଜେଟ୍ ଉତାରର୍ ୱେବିନାର୍‌କେ ସମ୍ବୋଧିତ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ସ୍ୱାସ୍ଥ୍ୟକ୍ଷେତ୍ରୁ ଲାଖ୍ ଲାଖ୍ ଯୁଆନ୍ ପିଲା ଟୁକେଲ୍‌ଙ୍କର୍ ଲାଗି ନୂଆଁ ଦକ୍ଷତାଭିତିକ ନିଯୁକ୍ତି ସୁଯୋଗ୍ ତିଆର୍ ହଉଛେ । ଦେଶେ ତାଲିମ୍ ଭିତିଭୂମିକେ ବର୍‌କସ୍ କର୍‌ବାର୍‌କେ ପଡ଼୍‌ବା । ଭିନ୍ ଭିନ୍ ଜିଲ୍ଲା ନ ନୂଆଁ ମେଡ଼ିକାଲ୍ କଲେଜ୍ ଖୁଲ୍‌ବାର୍ ସହେତେ ସାମଗ୍ରିକ୍ ସ୍ୱାସ୍ଥ୍ୟର୍ ଉନ୍ନତି ଦୃଷ୍ଟିକୋଣ ତୁର୍‌ତି ହେଉଛେ । ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା ଆଉ ଜନଆରୋଗ୍ୟ ମନ୍ଦିର୍ ଜରିଏ ଗାଁ ଇଲାକା ନ ସ୍ୱାସ୍ଥ୍ୟସେବା କ୍ଷେତ୍ରକେ ବ୍ୟାପକ୍ କରାଯାଇଛେ । ଭାରତ୍‌ର ଯୋଗ ଆଉ ଆୟୁର୍ବେଦ୍ ସାରା ପୁର୍‌ଥି ନ ଲୋକପ୍ରିୟତା ହାସଲ୍ କରୁଛେ ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ-୧)

ଷ୍ଟେମ୍ ବାଗିର୍ ବିଷେଥି ଟୁକେଲ୍ ଛୁଆମାନ୍‌କର୍ ସଂଖ୍ୟା ଧିରେ ଧିରେ ବଢ଼୍‌ବାର୍‌ଟା ଗର୍ବର୍ ବିଷେ ଆଏ । ସର୍‌କାର୍ ଭବିଷ୍ୟତ

ପ୍ରଯୁକ୍ତି  ବିଦ୍ୟା ଲାଗି ପ୍ରସ୍ତୁତ୍ ହେଉଛନ୍ । ଯୁବଗବେଷକ୍‌ମାନ୍‌କୁ ନବସୃଜନ ଆଉ ପରୀକ୍ଷଣ୍ ଲାଗି ତହଁକଉଥିବା ଗୁଟେ ବର୍‌କସ୍ ଗବେଷଣା ଭିତିଭୂମି ଉପ୍‌ରେ ଜୋର୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍,

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ-୨)

ପ୍ରଧାନ୍‌ମନ୍ତ୍ରୀ ଆହୁରି କହିଛନ୍, ଅନୁଷ୍ଠାନ୍, ଶିଳ୍ପ ଆଉ ଶିକ୍ଷାନୁଷ୍ଠାନ୍ ଏକାସାଙ୍ଗେ କାମ୍ କଲେ ପରିବର୍ତନ୍‌ର ଗତି ତୁର୍‌ତି ହେସି । ଶିକ୍ଷାକେ ନିଯୁକ୍ତି ଆଉ ଉଦ୍ୟୋଗ୍ ସହେତେ ଜୁଡ୍‌ବାର୍ ଲାଗି ନିରନ୍ତର୍ କାମ୍ ଜାରି ରହିଛେ । ସର୍‌କାର୍ ଆନିମେସନ୍, ଭିଜୁଆଲ୍ ଇଫେକ୍ଟସ୍, ଗେମିଂ ଆଉ କମିକ୍ସ- ଏ.ଭି.ଜି.ସି. କ୍ଷେତ୍ରର୍ ପ୍ରୋତ୍ସାହନ୍ ଉପ୍‌ରେ ଜୋର୍ ଦଉଛନ୍ । ଭାରତ୍ ଗୁଟେ ନବସୃଜନ ପରିଚାଲିତ୍ ଅର୍ଥନୀତି ଆଡ଼୍‌କେ ବଢୁଛେ । ଶିଳ୍ପ ସହଯୋଗ୍ ଆଉ ଗବେଷଣା ପରିଚାଲିତ୍ ଶିକ୍ଷା ଲାଗି ଶିକ୍ଷାନୁଷ୍ଠାନ୍‌ମାନେ ଚେରେଷ୍ଟା କର୍‌ବାର୍ ଦର୍‌କାର୍ ବଲି ପ୍ରଧାନ୍‌ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ନୂଆଁ ପିଢ଼ିର୍ ନୂଆଁ ମାନସିକତା ଦେଶର୍ ସବୁନୁ ବଡ଼ ପୁଞ୍ଜି ଆଏ । ଜାତୀୟ ଶିକ୍ଷାନୀତି -୨୦୨୦ ଇଥିର୍‌ଲାଗି ନିହି ଥାପ୍‌ନା କରିଛେ ବଲି ପ୍ରଧାନ୍‌ମନ୍ତ୍ରୀ ୱେବିନାର୍‌କେ ସମ୍ବୋଧିତ୍ କରିକରି କହିଛନ୍ ।

ବିଧାନ୍‌ସଭା ଭୁବନେଶ୍ୱର୍ ସମ୍ବାଦଦାତା

ସପ୍ତଦଶ ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଅଧିବେଶନ୍‌ର ପହେଲା ଭାଗେ ଗୃହ କାମ୍ ଠିକ୍ ଭାବେ ଚାଲିଥିଲା । ଶୂନ୍ୟକାଲ୍‌ଥି ରାଏଜେ ପେଶା ଆଇନ୍ ଲାଗୁ କର୍‌ବାର୍ ଲାଗି କଂଗ୍ରେସ୍ ବିଧାୟକ୍ ଦଲର୍ ନେତା ରାମଚନ୍ଦ୍ର କାଡ଼ାମ୍ ଦାବି କରିଥିଲେ । ସର୍‌କାର୍ ପେଶା ଆଇନ୍ ଲାଗୁ କର୍‌ବାର୍ ଲାଗି ସମିଆ ଧାରିଜ୍ ବାବ୍‌ଦେ ବାଚସ୍ପତିଙ୍କର୍ ରୁଲିଂ ଦାବି କରିଥିଲେ । ଚାଷୀ ସମସ୍ୟା, ଧାନ୍‌ଘିନା ପ୍ରକ୍ରିୟା ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ବିରୋଧୀ ଦଲ୍ ମୁଖ୍ୟ ସଚେତକ୍ ପ୍ରମିଳା ମଲ୍ଲିକ୍ ଗୃହ ନ ପ୍ରଶ୍ନ ରଖିଥିଲେ । ରାଜ୍‌ନଗର୍ ବ୍ଲକ୍‌ର ଚାଷୀମୃତ୍ୟୁ ଘଟ୍‌ନାକେ ନେଇକରି ବିଭାଗୀୟ ମନ୍ତ୍ରୀଙ୍କୁ ବାଚସ୍ପତି ସୁରମା ପାଢ଼ୀ ବିଧାନ୍‌ସଭା କାମ୍ ସର୍‌ବାର୍ ଭିତ୍‌ରେ ତଦନ୍ତ ରିପୋର୍ଟ ଦେବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇ ମାସର୍ ଶେଷ୍‌ଦିନେ ଗୃହ ନ ବ୍ୟୟମଞ୍ଜୁରୀ ବିଧେୟକ୍ ଉପସ୍ଥାପନ୍ କରାଯିବା । ଇ ଅଧିବେଶନ୍ ଏପ୍ରିଲ୍ ୮ ତାରିଖ୍‌ତକ୍ ଚାଲ୍‌ବା ।

ବିଧାନ୍‌ସଭା-ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ୮୬ ଟା ଜେଲ୍ ନ ୧୮ ହଜାର୍ ଶହେ ୭୬ ଝନ୍ କଏଦୀ ଅଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧାନ୍‌ସଭା ନ ଲିଖିତ୍ ଉତର୍ ରଖିଛନ୍ । କଏଦୀ ମାନ୍‌କର୍ ଭିତ୍‌ରୁ ୧୪ ହଜାର୍ ୪୦ ଝନ୍ ବିଚାରାଧୀନ୍, ୪ ହଜାର୍ ଶହେ ୩୬ ଝନ୍ ଦଣ୍ଡ ପାଇଛନ୍ । ଗଲା ୫ ବଛର୍ ଭିତ୍‌ରେ ଭିନ୍ ଭିନ୍ ଜେଲ୍‌ନୁ ୪୪ ଝନ୍ କଏଦୀ ଫେରାର୍ ହେଇଥିଲେ । ୨୭ ଝନ୍‌କୁ ଗିରଫ୍ କରାଯାଇଛେ । ଏଛେନ୍‌ତକ୍ ୧୭ ଝନ୍ ଫେରାର୍ ଅଛନ୍ ବଲି ମୁଖ୍ୟମନ୍ତ୍ରୀ ଗୃହକେ ଜନେଇଛନ୍ ।

ବିଧାନ୍‌ସଭା-ମେଡ଼ିକାଲ କଲେଜ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ସବୁ ଜିଲ୍ଲାନ ଖେପ୍ ଖେପ୍ କରି ମେଡ଼ିକାଲ୍ କଲେଜ୍ ଖୁଲ୍‌ବାର୍ ଲାଗି ସର୍‌କାର ନିଷ୍ପତି ନେଇଛନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଆଏଜ୍ ବିଧାନ୍‌ସଭା ନ ସଦସ୍ୟ ଗଣେଶ୍ୱର୍ ବେହେରାଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ଶ୍ରୀ ମହାଲିଙ୍ଗ୍ କହିଛନ୍, ନୂଆଁ ମେଡ଼ିକାଲ୍ କଲେଜ୍ ଖୁଲ୍‌ବାର୍

ଲାଗି ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ କମିଟି ଗଠନ୍ କରାଯାଇଛେ । କମିଟିର୍ ସୁପାରିଶ୍ ଅନ୍‌ସାରେ ସର୍‌କାର୍ ନୂଆଁ କଲେଜ୍ ଖୁଲ୍‌ବାର୍ ଲାଗି ନିଷ୍ପତି ନେବେ । କମିଟିଥି ଯୋଜନା ଆଉ ସଂଯୋଜନ ବିଭାଗ୍, ଅର୍ଥ ବିଭାଗ୍, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍, ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍‌ର ସଚିବ ମାନେ ସଦସ୍ୟ ଅଛନ୍ । ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ଯାଜ୍‌ପୁର୍ ଠାନେ ମହାରାଜା ଜଜାତି କେଶରୀ ମେଡ଼ିକାଲ୍ କଲେଜ୍ ଆଉ ୨୦୨୫-୨୬ ଆର୍ଥିକ୍ ବଛ୍‌ରେ ଅନୁଗୁଲ୍ ଜିଲ୍ଲାନ ପବିତ୍ର ମୋହନ୍ ମେଡ଼ିକାଲ୍ କଲେଜ୍ ଆଉ କନ୍ଧମାଲ୍ ଜିଲ୍ଲା ନ ଗୁଟେ ସର୍‌କାରୀ ମେଡ଼ିକାଲ୍ କଲେଜ୍ ଥାପ୍‌ନା କରାଯାଇଛେ । ମେଡ଼ିକାଲ୍ ଶିକ୍ଷାଥି ଅନୁସୂଚିତ ଜାତି ଆଉ ଜନଜାତି ବର୍ଗଙ୍କର୍ ଲାଗି ସଂରକ୍ଷଣ୍ ହାର ବଦ୍‌ଲାବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ଗୃହ ନ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ବିଧାନ୍‌ସଭା- ସ୍ୱାସ୍ଥ୍ୟସେବା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଜରୁରୀ ସ୍ୱାସ୍ଥ୍ୟସେବାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ୧୦୮ ଆମ୍ବୁଲେନ୍ସ ସେବା ପୁହୁଁଚାବାର୍ ସମିଆକେ କମ୍

କର୍‌ବାର୍ ଲାଗି ଚେରେଷ୍ଟା ଚାଲିଥିବାର୍ ବାବ୍‌ଦେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ବିଧାନ୍‌ସଭା ନ କହିଛନ୍ । ସଦସ୍ୟ ସଞ୍ଜିବ୍ ମଲ୍ଲିକଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍, କେତେଟା ଜାଗା ନ ୧୦୮ ଏମ୍ବୁଲେନ୍ସ ଠିକ୍ ସମିଆଥି ନାଇଁ ପୁହୁଁଚିପାରୁଥିବା ଘଟ୍‌ନାକେ ସର୍‌କାର୍ ଗୁରୁତ୍ୱର୍ ସହେତେ ନେଉଛନ୍ । ଇ ଦିଗେ ଖୋବ୍ ଜଲ୍‌ଦି ପଦକ୍ଷେପ୍ ନିଆୟିବା । ଗଲା ୧୮ ମାସ୍ ଭିତ୍‌ରେ ରାଜ୍ୟ ସର୍‌କାର୍ ୪ ଶହ ୨୮ ଟା ନୂଆଁ ଏମ୍ବୁଲେନ୍ସ ସେବାକେ ସ୍ୱାସ୍ଥ୍ୟକ୍ଷେତ୍ରଥି ସାମିଲ୍ କରିଛନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା-ମୋବାଇଲ୍ ନେଟ୍‌ୱାର୍କ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ସବୁ ଗାଁକେ ଆଏବା ଜୁନ୍ ମାସ୍‌ତକ୍ ମୋବାଇଲ୍ ନେଟ୍‌ୱର୍କ ସୁବିଧା ଯୁଗେଇ ଦିଆୟିବା ବଲି ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ବିଧାନ୍‌ସଭା ନ ସଦସ୍ୟ ପବିତ୍ର ସାଉଁନ୍ତା ଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ଶ୍ରୀ ମହାଲିଙ୍ଗ୍ କହିଛନ୍, ରାଏଜେ ୫୧ ହଜାର୍ ଶହେ ୭୨ ଟା ଗାଁ ଭିତ୍‌ରୁ ୧ ହଜାର୍ ୨ ଶହ ୩୭ ଟା

ଗାଁଥି ମୋବାଇଲ୍ ନେଟ୍‌ୱାର୍କ ସୁବିଧା ନାଇଁ ହେଇପାରି । କେନ୍ଦ୍ର ସର୍‌କାର୍‌ଙ୍କର୍ ଡିଜିଟାଲ୍ ଭାରତ୍ ନିଧି ଯୋଜ୍‌ନାଥି ୪ ହଜାର୍ ୨ ଶହ ୨୫ ଟା ମୋବାଇଲ୍ ଟାୱାର୍ ଭିତ୍‌ରୁ ୩ ହଜାର୍ ୨ ଶହ ୮୧ ଟା ମୋବାଇଲ୍ ଟାୱାର୍ କାର୍ଯ୍ୟକ୍ଷମ୍ ହେଇଛେ । ବାକିଥିବା ୯ ଶହ ୪୪ ଟା ଟାୱାର୍ ଆଏବା ଜୁନ୍ ମାସ୍‌ତକ୍ କାର୍ଯ୍ୟକ୍ଷମ୍ କରାବାର୍ ଲାଗି ଲକ୍ଷ୍ୟ ଧାରିଜ୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ ଗୃହ ନ କହିଛନ୍ ।

ବିଧାନ୍‌ସଭା- ସବ୍ ଟ୍ରେଜେରୀ        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଆଉ ନୂଆଁ ସବ୍ ଟ୍ରେଜେରୀ ନାଇଁ ଖୁଲେ ବଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ବିଧାନ୍‌ସଭା ନ ମୁଖ୍ୟମନ୍ତ୍ରୀଙ୍କର୍ ତର୍‌ଫୁ ଗୃହ ନ ଉତର୍ ରଖିକରି ଶ୍ରୀ ହରିଚନ୍ଦନ୍ କହିଛନ୍, ପେନ୍‌ସନ୍ ଆଉ ଚାଲାନ୍ ବାଗିର୍ କାମ୍ ଅନ୍‌ଲାଇନ୍‌ଥି ଇ-ଭାଉଚର୍ ଜରିଏ କରାଯାଉଛେ । ଇହାଦେ ରାଏଜେ ଶହେ ୬୯ ଟା ଟ୍ରେଜେରୀ ରହିଛେ ବଲି ମନ୍ତ୍ରୀ କହିଛନ୍ ।

ରାଜ୍ୟସଭା ନିର୍ବାଚନ୍ ପ୍ରାର୍ଥୀପତ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟସଭା ନିର୍ବାଚନ୍ ଲାଗି ଆଏଜ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ଥିଲା । ଇଥିର୍‌ଲାଗି ସଖାଲର୍ ୧୧ ବଜେନୁ ଉପର୍‌ବେଲା ୩ ବଜେତକ୍ ସମିଆ ଧାରିଜ୍ କରାଯାଇଥିଲା । ନିର୍ବାଚନ୍ ଲାଗି ୬ ଟା ପ୍ରାର୍ଥୀପତ୍ର ଦାଖଲ୍ ହେଇଥିବାର୍ ବେଲେ ୫ ଝନ୍‌କର୍ ପ୍ରାର୍ଥୀପତ୍ର କାଏମ୍ ରହିଛେ । ଆଏବା ୧୬ ତାରିଖ୍ ସଖାଲର୍ ୯ ବଜେନୁ ଉପର୍‌ବେଲା ୪ ବଜେତକ୍ ଭୋଟ୍ ହେବା ବଲି ଜନାପଡ଼ିଛେ । ଗୃହକାର୍ଯ୍ୟ ଚାଲ୍‌ବାର୍ ସହେତେ ବିଧାନ୍‌ସଭାର୍ ୫୪ ନମ୍ବର୍ ପ୍ରକୋଷ୍ଠ ନ ମତଦାନ୍ କରାଯିବା । ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ଗଲା ଫେବୃଆରୀ ୨୬ ତାରିଖ୍ ଦିନ ରାଜ୍ୟସଭା ନିର୍ବାଚନ୍ ଲାଗି ବିଜ୍ଞପ୍ତି ବାହାରିଥିଲା ।

ସଡ଼କ୍ ଦୁର୍ଘଟଣା ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ଭେଡ଼େନ୍ ଥାନାର୍ ମେହେନା ପାଶେ ଗୁଟେ ସଡ଼କ୍ ଦୁର୍ଘଟଣାଥି ୪ ଝନ୍‌କର୍ ଜୀବନ୍ ଯାଇଛେ ଆଉ ୨ ଝନ୍

ଜବର୍ ଜଖମ୍ ହେଇଛନ୍ । ଆହତ୍‌ମାନ୍‌କୁ ବୁର୍ଲା ଡାକ୍ତର୍‌ଖାନା ନ ଚିକିତ୍ସା ଲାଗି ଭର୍ତି କରାଯାଇଛେ । ଇ ସଭେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ବିନ୍‌କା ଥାନା ଜାମ୍‌ପାଲି ଗାଁର୍ ଗୁଟେ ପରିବାର୍‌ର ସଦସ୍ୟ ବଲି ପୁଲିସ୍ ତର୍‌ଫୁ କୁହାଯାଇଛେ । ସେମାନେ ଖଇର୍‌ପାଲି ଗାଁକେ ଗୁଟେ ବିହାଘର୍ ଉତ୍ସବ୍‌ଥି ଯୋଗ୍ ଦେଇକରି ଫିରୁଥିବାର୍ ବେଲେ ସାମ୍ନାଆଡୁ ଆସୁଥିବା ଗୁଟେ ବୋଲେରୋ ସାଙ୍ଗେ ଧକ୍କା ହେବାର୍‌ନୁ ଦୁର୍ଘଟଣା ହେଇଛେ । ଭେଡ଼େନ୍ ପୁଲିସ୍ ତର୍‌ଫୁ ଘଟ୍‌ନାର୍ ତଦନ୍ତ ଜାରି ରହିଛେ ।

ସେଆଡ଼େ ଜିଲ୍ଲାର୍ ଅତାବିରା ଥାନା ଅନ୍ଧାରୀପାଲି ପାଖେ ହାତୀ ଆକ୍ରମଣ୍‌ଥି ଆଏଜ୍ ସଖାଲୁ ଝନ୍‌କର୍ ଜୀବନ୍ ଯାଇଛେ ବଲି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ସୂଚନା ମିଲିଛେ ।

ଦୁର୍ଘଟଣା-ସମ୍ବଲ୍‌ପୁର୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ଜମେନ୍‌କିରା ଥାନା ଡିମିରିମୁଣ୍ଡା-ପିଠାମାରେନ୍ ଛକ୍ ପାଶେ ଗୁଟେ କଂଟେନର୍ ଆଉ ବାଇକ୍ ମୁହାଁମୁହିଁ ଧକ୍କା ହେବାର୍‌ନୁ ୩ ଝନ୍‌କର୍ ଜୀବନ୍ ଯାଇଛେ । ଆଏଜ୍ ସଖାଲର୍

ପାଖାପାଖି ସାଢ଼େ ୧୦ ବଜେ ସମ୍ବଲ୍‌ପୁର୍‌ନୁ ଦେବ୍‌ଗଡ୍‌ ଯାଉଥିବା କଂଟେନର୍ ସାଙ୍ଗେ ବାଇକ୍‌ର ଧକ୍କା ହେଇଥିଲା । ତିନ୍‌ହି ଝନ୍‌କୁ ଡାକ୍ତର୍‌ଖାନାକେ ନେବାର୍ ଉତ୍‌ରୁ ଡାକ୍ତର୍ ସେମାନ୍‌କୁ ମୃତ ଘୋଷ୍‌ନା କରିଥିଲେ । ପୁଲିସ୍ ଆଉ ପ୍ରଶାସନ୍ ଘଟ୍‌ନା ଜାଗା ନ ପୁହୁଁଚିକରି ଥିତିର୍ ଅନୁଧ୍ୟାନ୍ କରିଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପର୍ଶ୍ଚିମବଙ୍ଗ ଆଉ ପାଖର୍ ଉତର୍ ଓଡ଼ିଶାର୍ ବାୟୁମଣ୍ଡଲ୍ ନ ସକ୍ରିୟ ଘୂର୍ଣ୍ଣିବଲୟର ପ୍ରଭାବ୍‌ଥି ରାଜ୍ୟର୍ ଗୁଟେ ଦୁଇଟା ଜାଗା ନ ସାମାଏନ୍ ନୁ ମାଧ୍ୟମ୍ ଧରଣ୍‌ର ବର୍ଷା ହେଇଯାଇଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ସୂଚ୍‌ନା ଅନ୍‌ସାରେ ଆଏଜ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ ବାଦ୍‌ଲିଆ ପାଗ୍ ରହିଥିଲା ।